ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

17th Aug, 2019

# ଜଟଣୀରେ ସ୍ୱାଧୀନତା ଦିବସ

ଜଟଣୀ,୧୬।୮ (ନି.ପ୍ର): ଜଟଣୀ ସହରରେ ବିଭିନ୍ନ ସ୍ଥାନରେ ୭୩ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧାରୋଡ଼ ରେଳବାଇ ଷ୍ଟାଡ଼ିୟମରେ ଡ଼ିଆରଏମ୍ ଶଶିକାନ୍ତ ସିଂହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରେଳ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ପୂର୍ଣ୍ଣିମା ସିଂହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରେଳବାଇ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଶାଖା ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆଇଆଇଟି ପରିସରରେ ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁରକ୍ଷା କର୍ମଚାରୀ ଏବଂ ଏନସିସି କ୍ୟାଡ଼େଟଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଫେସର ସୁଜିତ ରାୟ, ପ୍ରଫେସର ରବିନ୍ଦ୍ର କୁମାର ପଣ୍ଡା, ଡ଼.ଭି.ଆର.ପିଡ଼ି ରେଡ଼ି, କୁଳପତି ସୁବୋଧ କୁମାର, ଡ଼.ଶଙ୍କର୍ଷଣ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନାଇଜରଠାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିର୍ଦ୍ଦେଶକ ଡ଼.ସୁଧାକର ପଣ୍ଡା, କୁଳସଚିବ ଡ଼. ଅଭୟ କୁମାର ନାୟକ, ରାଜ୍ୟ ଯୋଗାଣ ନିଗମର ପ୍ରାକ୍ତନ ଅଧ୍ୟକ୍ଷ ସୁଦୀପ୍ତ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଜଟଣୀ ଟ୍ରକ ମାଲିକ ସଂଘ, ଡ୍ରାଇଭର ଓ ହେଲ୍ପର ସଂଘ,ଅଟୋ ସଂଘ, ମଦ୍ରସା, ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସୁଭଦ୍ରା ଏସଏଚଜି ଗ୍ରୁପ ପରିସରରେ ଜଟଣୀର ପ୍ରାକ୍ତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଜଟଣୀ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୁଦିଆରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଟଣୀ ପୌର ପରିଷଦର ପୂର୍ବତନ ଉପାଧ୍ୟକ୍ଷା ସୌମ୍ୟା ସୋମାଳିକା ରାୟ, କୁଶମାଟି-ଛଣଘରରେ ପ୍ରଧାନ ଶିକ୍ଷକ ବାସୁଦେବ ମହାନ୍ତି, ଜଟଣୀ ବାଲିଛକ ସାହି କଂଗ୍ରେସ କାର୍ଯ୍ୟାଳୟରେ ବାବିନା ରାଉତରାୟ, ସ୍ୱସ୍ତିଜ୍ୟୋତି କଲେଜ ପରିସରରେ ଜଟଣୀ ପୌର ପରିଷଦ ନିର୍ବାହୀଅଧିକାରୀ ତପନ କୁମାର ମହାପାତ୍ର, ଜଟଣୀ ଥାନା ପରିସରରେ ଥାନାଧିକାରୀ ବିଶ୍ୱ ରଞ୍ଜନ ସାହୁ,ଜଟଣୀ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ କାର୍ଯ୍ୟାଳୟ ଠାରେ କନିଷ୍ଠ ଯନ୍ତ୍ରୀ ଶ୍ରୀମତି ଏଲିଜା ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।